

# ଛଚିନ୍ଦ୍ରା ଚାଷ

## ଜଳବାୟୁ

ଏହା ଉଷ୍ଣ ଓ ଆର୍ଦ୍ର ଜଳବାୟୁ ଦରକାର କରୁଥିଲେ ମଧ୍ୟ ବର୍ଷସାରା ଲଗାଯାଇପାରେ । ସମୁଦ୍ର ପତ୍ତନ ଠାରୁ ୧୫୦୦ ମିଟର ଉଚ୍ଚା ଜାଗା ପର୍ଯ୍ୟନ୍ତ ଏହାର ଚାଷ କରାଯାଇପାରିବ । ୨୫-୩୦° ସେଲସିୟସ୍ ଖୁବ୍ ଭଲ ହୁଏ । ତୁଷାରପାତ ସହି ପାରେନି । ଫୁଲ ସମୟରେ ଅଧିକ ବର୍ଷା ହେଲେ ଫଳ କମିଯାଏ ।

## ମୃତ୍ତିକା

ଅନେକ ପ୍ରକାର ମାଟିରେ ହେଉଥିଲେ ମଧ୍ୟ ଉର୍ବର, ନିଗିଡ଼ା, ଦୋରସା ମାଟିରେ ଭଲ ହୁଏ । ମାଟିର ଅମ୍ଳତା ୬ ରୁ ୭ ଭିତରେ ଭଲ ହୁଏ ।

## କିସମ

ଏପିଏୟୁ ସଥା, ସିଓ-୧, ସିଓ-୨, ଏମ୍‌ଡିୟୁ-୧, ପିକେମ୍-୧, ଶ୍ୱେତା

## ବିହନ

ଏକର ପ୍ରତି ଏକ କିଗ୍ରା. ଇିହନ ଦରକାର ହୋଇଥାଏ । ଲଗାଇବା ପୂର୍ବରୁ ମଞ୍ଜିକୁ ୧୨ ରୁ ୨୦ ଘଣ୍ଟା ବତୁରାଇଲେ ଭଲ ଗଜା ହୁଏ । ବିହନ ବିଶୋଧନ କରିବ (୩ଗ୍ରାମ୍ ଥିରାମ/ ୧କି.ଗ୍ରା. ମଞ୍ଜି) ।

## ବିହନ ବୁଣିବା

ଜମିକୁ ୨-୩ ଓଡ଼ ଚାଷ କରି ଏକର ପ୍ରତି ୧୦ ଗାଡ଼ି ଗୋବର ଖତ ଦେଇ ୨ମିଟର ଧାଡ଼ିକୁ ଧାଡ଼ି ଓ ବୁଦାକୁ ବୁଦା ଦେଢ଼ ମିଟର ବ୍ୟବଧାନରେ ୪୫ସେ.ମି. ଲମ୍ବ, ଓସାର ଓ ଗଭୀରରେ ଗାତ ଖୋଳି ମୂଳ ସାର ଦେଇ ପ୍ରତି ଗାତରେ ୪-୫ ମଞ୍ଜି ଲଗାଯାଏ । ସାର ହିସାବରେ ଏକର ପିଛା ୨୦କି.ଗ୍ରା. ଯବକ୍ଷାରଜାନ ସାର, ୧୫କି.ଗ୍ରା. ସୁପର ସାର ଓ ୧୫କି.ଗ୍ରା. ପଟାସ୍ ସାର ଦିଆଯାଏ । ଲଗାଇବା ବେଳେ ସବୁଯାକ ସୁପର ଓ ପଟାସ୍ ସାର ଏବଂ ଯବକ୍ଷାରଜାନ ସାରର ଅଧା ଦିଆଯାଏ । ବାକିତକ ୨୦-୨୫ ଦିନ ପରେ ଦିଆଯାଏ । ଏପ୍ରିଲରୁ ଜୁଲାଇ, ଅକ୍ଟୋବରରୁ ନଭେମ୍ବର ଓ ଜାନୁୟାରୀ-ଫେବୃୟାରୀ ମାସରେ ମଞ୍ଜି ଲଗାଯାଇ ପାରେ ।

## ପରବର୍ତ୍ତୀ ଯତ୍ନ

ଚରା ଉଠିବା ପରେ ପ୍ରତି ମନ୍ଦାରେ ୨-୩ଟି ଚାରା ରଖନ୍ତୁ । ବର୍ଷାଦିନେ ଫସଲକୁ ଭାଡ଼ିକରି ମଡ଼ାଇଲେ ଅଧିକ ଫଳ ମିଳେ । ବର୍ଷାଋତୁରେ ଗଛମୂଳକୁ ମାଟି ଦେବା ଉଚିତ୍ । ଅନ୍ୟ ଋତୁରେ ବତର ଦେଖି ୭-୮ ଦିନରେ ଜଳସେଚନ କରାଯାଏ । ୨ପତ୍ର ହୋଇଥିବା ବେଳେ ଇଥ୍ରେଲ ୨୫୦ ପିପିଏମ୍. ଲା ମାଲିକ ହାଇଡ୍ରାଜାଇଡ ୧୫୦ପି.ପି.ଏମ୍. ପକାଇଲେ ଅଧିକ ମାଈ ଫୁଲ ହୁଏ । ସପ୍ତାହ ଅନ୍ତରରେ ୨-୩ ଥର ପକାଇଲେ ଭଲ ଅମଳ ମିଳେ ।

## ଅମଳ

ଫଳଗୁଡ଼ିକ ମଞ୍ଜି ଲଗାଇବାର ୫୦ ରୁ ୭୦ ଦିନରେ ପ୍ରଥମ ଅମଳ ଦିଏ । କଅଁଳ ଅବସ୍ଥାରେ ତୋଳାଯାଏ । ଏକର ପିଛା ୮୦ ରୁ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ଅମଳ ମିଳେ ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା